## ୭୦ ହଜାର ଲୁଟ୍

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ବାଗଡିଆ ଥାନା ପାତ୍ରପଡା ବାୟାଣୀ ପୀଠ ନିକଟରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଛି। ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କଠାରୁ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ପୋଲିସ କହିଛି, ଫାଇନାନ୍ସ କର୍ମଚାରୀ ବିଷ୍ଣୁ ସାହୁ ଶନିବାର ହଣ୍ଡପା ଥାନା ଗୁଣ୍ଡୁରୀଝରଣ ଗ୍ରାମରକୁ ଫେରୁଥିବାବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ୭୦ ହଜାର ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ରାଜପଥ ମରାମତି ଆରମ୍ଭ କଲା ପ୍ରଶାସନ

**ଅନୁଗୋଳ,୯।୯(ଅମିତ କୁମାର ସାମଲ)**

- ତୁରନ୍ତ କାର୍ଯ୍ୟ କରିବାକୁ ଏନ୍‌ଏଚ୍‌ଏଆଇକୁ ଚିଠି
- ଫୌଜଦାରି ମକଦ୍ଦମା କରାଯିବା ନେଇ ଚେତାବନୀ
- ବୈଠକ ପରେ ଭାରିଯାନ ଉପରେ ଲାଗିବ କଟକଣା

ଅନୁଗୋଳ ଜିଲା ବଅଁରପାଳସ୍ଥିତ ପାଞ୍ଚଗଡ଼ ବିଜୟ କୁମାର ହାଇସ୍କୁଲର ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ୫୫ନଂ. ଜାତୀୟ ରାଜପଥ ମରାମତି କାମ ଆରମ୍ଭ କରିଛି ଅନୁଗୋଳ ଜିଲା ପ୍ରଶାସନ। ଶନିବାର ସକାଳୁ ପ୍ରଶାସନ ପକ୍ଷରୁ ବଅଁରପାଳରୁ ମରାମତି କାର୍ଯ୍ୟ କରାଯାଇଥିବା ବେଳେ ରାଜପଥର ଅନ୍ୟାନ୍ୟ ସ୍ଥାନ ମରାମତି କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କୁ ଚିଠି ଲେଖାଯାଇଛି। ତୁରନ୍ତ କାର୍ଯ୍ୟ ନ କଲେ ଫୌଜଦାରି ମକଦ୍ଦମା କରାଯିବ ବୋଲି ଉକ୍ତ ଚିଠିରେ ଚେତାବନୀ ଦିଆଯାଇଛି। ଏଥିସହ ମରାମତି କାର୍ଯ୍ୟ କରାଯିବା ପରେ ଏକ ବୈଠକ ଡକାଯାଇ ଭାରିଯାନ ଚଳପ୍ରଚଳ ଉପରେ କିପରି କଟକଣା ଲଗାଯିବ ସେ ନେଇ ଆଲୋଚନା କରାଯିବ ବୋଲି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପାଞ୍ଚଗଡ଼ ବିଜୟ କୁମାର ହାଇସ୍କୁଲର ୬ଷ୍ଠ ଶ୍ରେଣୀର ଛାତ୍ରୀ ପୂଜା ସାହୁ (୧୧) ଗତ ଗୁରୁବାର ଅପରାହ୍ନରେ ସ୍କୁଲରୁ ଘରକୁ ଫେରୁଥିବା ବେଳେ ଟ୍ରକ୍ ଧକ୍କାରେ ପ୍ରାଣ ହରାଇଥିଲେ। ଏହାର ପ୍ରତିବାଦରେ ସ୍କୁଲ ଛାତ୍ରୀଛାତ୍ରମାନେ ଶୁକ୍ରବାର ବିଳମ୍ବିତ ରାତି ଯାଏ ରାଜପଥକୁ ଅବରୋଧ କରି ରଖିଥିଲେ। ରାଜପଥ ମରାମତି, ସ୍କୁଲ ଯିବା ଆସିବା ସମୟରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇବା ଦାବିରେ ଛାତ୍ରୀଛାତ୍ରମାନେ ଅଡ଼ି ବସିଥିଲେ। ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ସେମାନଙ୍କୁ ବୁଝାଶୁଝା କରିବା ସହ ଶନିବାରଠାରୁ ରାସ୍ତା ମରାମତି କାର୍ଯ୍ୟ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ଶନିବାର ସକାଳୁ ବିଭିନ୍ନ ସ୍ଥାନକୁ ରାସ୍ତା ମରାମତି ପାଇଁ ସାମଗ୍ରୀ ପ୍ରେରଣ କରାଯିବା ସହ ବଅଁରପାଳରୁ ରାଜପଥ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିସହ ଅନୁଗୋଳ ଜିଲା ପ୍ରଶାସନର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନିର୍ବାହୀ ଅଧିକାରୀ ଏନ୍‌ଏଚ୍‌ଏଆଇକୁ ଚିଠି (ନଂ ୭୨୭/୯।୯।୨୦୨୩) ଲେଖିଛନ୍ତି। ଉକ୍ତ ଚିଠିର ନକଲ ଢେଙ୍କାନାଳସ୍ଥିତ ଏନ୍‌ଏଚ୍‌ଏଆଇ ପିଡି, ନିର୍ବାହୀ ଯନ୍ତ୍ରୀ ଓ ରାସ୍ତା କାର୍ଯ୍ୟ କରୁଥିବା ଠିକା ସଂସ୍ଥାକୁ ପ୍ରଦାନ କରିଛନ୍ତି। ନୂତନ ବାଇପାସ ନିର୍ମାଣ ନ ହେବା ପର୍ଯ୍ୟନ୍ତ ବଅଁରପାଳ ସନ୍ତ୍ରୀ ଛକରୁ ରନ୍ତଲେଇ ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ରାଜପଥ ମରାମତି କରିବା କଥା। କିନ୍ତୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟ କରାଯାଉ ନାହିଁ। ଫଳରେ ଏହି ସ୍ଥାନରେ ଦୁର୍ଘଟଣାମାନ ଘଟି ଜୀବନହାନି ହେଉଛି। ତେଣୁ ତୁରଙ୍ଗରୁ ଟେଲିକୋ ଛକ, ବଅଁରପାଳରୁ ସନ୍ତ୍ରୀ ଛକ, ତୁରଙ୍ଗ ପେଟ୍ରୋଲ ପମ୍ପ ଛକ, ସିପିପି ଛକ, ତୁରଙ୍ଗ ଛକ, ଏଫ୍‌ସିଆଇ ଛକ, ଦୁର୍ଗା ହୋଟେଲଠାରେ ରାଜପଥରେ ହୋଇଥିବା ଖାଲଖମା ଓ ଗର୍ତ୍ତକୁ ତୁରନ୍ତ ପୋତି ମରାମତି କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ଅନୁଗୋଳରୁ ଢେଙ୍କାନାଳ ଯାଇଥିବା ବାଇପାସ କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି। ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ କରା ନ ଗଲେ ଫୌଜଦାରି ମକଦ୍ଦମା ରୁଜୁ କରାଯିବ ବୋଲି ଚିଠିରେ ଚେତାବନୀ ଦିଆଯାଇଛି। ଏନ୍‌ଏଚ୍‌ଏଆଇ ମରାମତି କାର୍ଯ୍ୟ କରିବା ପରେ ଏକ ବୈଠକ ଡକାଯାଇ ସ୍କୁଲ ଖୋଲିବା ଓ ବନ୍ଦ ହେବା ସମୟରେ ରାଜପଥରେ ଭାରିଯାନ ଚଳାଚଳ ଉପରେ କିପରି କଟକଣା ଲଗାଯିବ ସେ ନେଇ ଆଲୋଚନା ହେବ। ସେହିପରି ଏଫ୍‌ସିଆଇ ଛକରୁ ବଅଁରପାଳ ମଧ୍ୟରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମଚାରୀଙ୍କୁ ନେଇ ଯାତାୟାତ କରୁଥିବା ବସ୍‌ଗୁଡ଼ିକ କେଉଁଠି ପାର୍କିଂ କରିବ ସେ ନେଇ ଏକ ଟିମ୍ ମିଳିତ ଭାବେ ଅନୁଧ୍ୟାନ କରିଛନ୍ତି। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ବଅଁରପାଳ ତହସିଲଦାର ଓ ଥାନା ଅଧିକାରୀ ମିଳିତ ଭାବେ ଏହି ଅନୁଧ୍ୟାନ କରିଛନ୍ତି। ଏଥିସହ ଏନଏଚଏଆଇ ଅଧିକାରୀଙ୍କ ସହ ପ୍ରଶାସନର ଏକ ବୈଠକ କରାଯାଇ ଉକ୍ତ ରାସ୍ତାକୁ ପରିଦର୍ଶନ କରାଯିବ ବୋଲି ଅନୁଗୋଳ ଉପଜିଲାପାଳ ବରେଣ୍ୟେନ୍ଦୁ ମହାନ୍ତି ସୂଚନା ଦେଇଛନ୍ତି। ତେବେ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ରାଜପଥ ଅବସ୍ଥା ସୁଧାରିବାକୁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଲାଗିପଡ଼ିଥିବା ଏଡିଏମ୍ ପ୍ରତାପ ପ୍ରୀତିମୟ କହିଛନ୍ତି।



ବଅଁରପାଳଠାରେ ୫୫ନଂ. ଜାତୀୟ ରାଜପଥର ମରାମତି କାର୍ଯ୍ୟ କରାଯାଉଛି।

### ୭ ଦିନ ମଧ୍ୟରେ ମରାମତି ନ ହେଲେ ବନ୍ଦ ଡାକରା

ଅନୁଗୋଳଠାରୁ ବଅଁରପାଳ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ଓ ବଅଁରପାଳଠାରୁ ତାଳଚେର ପର୍ଯ୍ୟନ୍ତ ୧୪୯ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ହେଲେ ରାଜ୍ୟ ଓ କେନ୍ଦ୍ର ସରକାର ଯେଉଁଭଳି ଭାବରେ ରାଜରାସ୍ତାକୁ ନେଇ ରାଜନୀତି କରୁଛନ୍ତି, ଅନୁଗୋଳ ଜିଲା କଂଗ୍ରେସ ତାହାକୁ ନିନ୍ଦା କରୁଛି। ୭ ଦିନ ମଧ୍ୟରେ ୫୫ନଂ. ଜାତୀୟ ରାଜପଥର ବଅଁରପାଳଠାରୁ ଅନୁଗୋଳ ପର୍ଯ୍ୟନ୍ତ ଓ ୧୪୯ନଂ. ଜାତୀୟ ରାଜପଥର ବଅଁରପାଳଠାରୁ ତାଳଚେର ପର୍ଯ୍ୟନ୍ତ ମରାମତି କରା ନ ଗଲେ ବାଧ୍ୟହୋଇ ଅନୁଗୋଳ ଜିଲା କଂଗ୍ରେସ ରାସ୍ତାକୁ ଓହ୍ଲାଇବ ଓ ଆବଶ୍ୟକ ହେଲେ ଅନୁଗୋଳ ବନ୍ଦ କରିବାକୁ ପଛାଇବ ନାହିଁ ବୋଲି ଜିଲା କଂଗ୍ରେସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଚତାବନୀ ଦିଆଯାଇଛି।

## ପରିବେଶ କ୍ଲବ ପକ୍ଷରୁ ହାଇସ୍କୁଲ ପରିଦର୍ଶନ


ତପୋବନ ସରକାରୀ ହାଇସ୍କୁଲ୍ କୁନିନ୍ଦାରେ ପରିବେଶ କ୍ଲବ ଟିମ୍।

**ଢେଙ୍କାନାଳ,୯।୯(ରତନ ନାୟାର)**

ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ଅନୁମୋଦନ କ୍ରମେ ଜିଲା ପରିବେଶ କ୍ଲବ କର୍ମକର୍ତ୍ତାମାନେ ଭୁବନ ଓ କାମାକ୍ଷାନଗର ବ୍ଲକର ୨ଟି ଲେଖାଏ ହାଇସ୍କୁଲକୁ ଶୁକ୍ରବାର ପରିଦର୍ଶନ କରିଥିଲେ। ଭୁବନ ବ୍ଲକର ବାଲିବୋ ସରକାରୀ ହାଇସ୍କୁଲ ଏବଂ ତପୋବନ ସରକାରୀ ହାଇସ୍କୁଲ କୁନିନ୍ଦା ଏବଂ ଅପରାହ୍ନରେ କାମାକ୍ଷାନଗର ବ୍ଲକର ରଘୁନାଥଜୀଉ ହାଇସ୍କୁଲ ଜିରିଡାମାଳି ଏବଂ ଭଗୀରଥପୁର ସରକାରୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବିଦ୍ୟାଳୟ ଗୁଡ଼ିକରେ ପରିବେଶ କ୍ଲବର କାର୍ଯ୍ୟକାରିତା ଉପରେ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ପରିବେଶ କ୍ଲବ ସମୂହର ମାଷ୍ଟର ଟ୍ରେନର ପ୍ରଦ୍ୟୁମ୍ନ ରଥ, ଦେବରାଜ ରାଉତ ଓ ଦୀପ୍ତିମୟୀ ଲେଙ୍କା ପ୍ରମୁଖ ପରିଦର୍ଶନରେ ସାମିଲ ହୋଇଥିଲେ।

## ଆଜିଠୁ ସଭା ଘରେ ପ୍ରଦର୍ଶନ ହେବ ଯାଦୁଖେଳ



ଖବରଦାତା ସମ୍ମିଳନୀରେ ଯାଦୁଗର ବାଦଶାହ ଖାନ ଓ ସହଯୋଗୀ।

**ଅନୁଗୋଳ,୯।୯(ଅମିତ ସାମଲ)**

ଅନୁଗୋଳ ସହରସ୍ଥିତ ସଭାଘର ମଞ୍ଚରେ ରବିବାରଠାରୁ ଆରମ୍ଭ ହେବ ଯାଦୁଖେଳ। ୧୨ଟି ଦେଶର ଲୋକପ୍ରିୟ ଯାଦୁ ଖେଳ ପ୍ରଦର୍ଶନ କରିବେ ଯାଦୁଗର ବାଦଶାହ ଖାନ। ସୋମବାରରୁ ଶନିବାର ପର୍ଯ୍ୟନ୍ତ ପ୍ରତ୍ୟହ ୨ଟି ଶୋ ଏବଂ ରବିବାର ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏହି ଯାଦୁ ଖେଳ ଦେଖାଯିବ ବୋଲି ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଦଶାହ ସୂଚନା ଦେଇଛନ୍ତି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏ ଯାଦୁ ଖେଳ ଚାଲୁ ରହିବ। ଆବଶ୍ୟକ ପଡିଲେ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବାଦଶାହଙ୍କ ସହଯୋଗୀ ନବୀନ ରାୟ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲା ରେଡକ୍ରସ ପାଣ୍ଠି ବୃଦ୍ଧି ପାଇଁ ଜିଲା ପ୍ରଶାସନ ସହଯୋଗରେ ଏହି ଯାଦୁ ଖେଳ ଆୟୋଜିତ ହେଉଛି।

## ସାକ୍ଷରତା ହାର ବୃଦ୍ଧି କରିବାକୁ ପରାମର୍ଶ

**ଢେଙ୍କାନାଳ,୯।୯(ରତନ ନାୟାର)**

ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏଡିଇଓ ସସ୍ମିତା ସାହୁ ମୁଖ୍ୟ ଅତିଥି, ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ଓ ଏବିଇଓ. ଦେବବ୍ରତ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାକ୍ଷରତା ଦିବସର ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ଓ ପ୍ରଗତି ପରସ୍ପର ପରିପୂରକ। ଶିକ୍ଷା ବିନା ଏକ ପ୍ରଗତିଶୀଳ ସମାଜ ଗଠନ ଅସମ୍ଭବ। ତେଣୁ ସାକ୍ଷରତା ହାର ବୃଦ୍ଧି କରି ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।



ସାକ୍ଷରତା ଦିବସରେ ସଚେତନତା ଶୋଭାଯାତ୍ରା।

## ପାଠଚକ୍ରର ଉପାଦେୟତା ସମ୍ପର୍କରେ ଆଲୋକପାତ



କାଇମାଟି ହାଇସ୍କୁଲ୍‌ରେ ବିଜ୍ଞାନ ସେମିନାରରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ,୯।୯(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ କାଇମାଟି ହାଇସ୍କୁଲଠାରେ 'ମିଲେଟ୍ ଏକ ଉତ୍ତମ ଖାଦ୍ୟ' ଉପରେ ବିଜ୍ଞାନ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୪ଜଣ ଛାତ୍ରୀଛାତ୍ର ପାଠଚକ୍ରରେ ଅଂଶଗ୍ରହଣ କରି ଏହି ପ୍ରସଙ୍ଗ ଉପରେ ମତାମତ ପ୍ରଦାନ କରିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସାମ୍ବବୀ ଲେଙ୍କା ପ୍ରଥମ, ଫକୀର ମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ପରମିତା ପରିଡ଼ା ଦ୍ୱିତୀୟ ଓ ବି.ବି. ହାଇସ୍କୁଲ୍‌ର ଚିନ୍ମୟୀ ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନଶିକ୍ଷକ ରୋହିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି ଓ ଏବିଇଓ ଦେବବ୍ରତ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠଚକ୍ରର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ମଲ୍ଲିକ ଓ ମାନସ ଗଣ୍ଡିଆ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ବ୍ଲକ୍ ବିଜ୍ଞାନ କମିଟି ସଦସ୍ୟ ମଧୁସୂଦନ ରାଉତ, ସୁଶାନ୍ତ ପାଢୀ, ପ୍ରଭାତୀ ବେହେରା, ପ୍ରିୟଙ୍କା ବରାଳ ଓ ସିଆର୍‌ସିସି. ଦିଲୀପ ନାୟକ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ସାଢ଼େ ୩ ହଜାର ଲିଟର ମହୁଲ ପୋଚ ଜବତ


ନଷ୍ଟ କରାଯାଇଥିବା ମହୁଲ ପୋଚ।

**ଢେଙ୍କାନାଳ,୯।୯(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ପାମାଳ ଅଞ୍ଚଳରେ ଶନିବାର ପୋଲିସ ଚଢ଼ାଉ କରି ସାଢେ ୩ ହଜାର ଲିଟର ମହୁଲ ପୋଚ ଜବତ କରିବା ସହ ନଷ୍ଟ କରିଦେଇଛି। ଦେଶୀ ମଦ ରାନ୍ଧିବା ପାଇଁ ୧୦୦ଟି ଜାରକିନରେ ଏହି ମହୁଲ ପୋଚ ରଖାଯାଇଥିଲା। କୌଣସି ସୂତ୍ରରୁ ଖବର ପାଇବା ପରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ, ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ, ଏସ୍‌ଆଇ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ଅରୁଣ ଦେହୁରୀଙ୍କ ସମେତ ପୋଲିସ ଫୋର୍ସ ଚଢାଉ କରିଥିଲେ। କଟକ ଜିଲା ଆଠଗଡ ଥାନା ସୀମାରୁ ଜାରକିନ୍‌ରେ ଏହି ମହୁଲ ପୋଚ ଆଣି ଦେଶୀମଦ ରାନ୍ଧିବା ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ପୋଲିସ ଚଢାଉ କରିଥିଲା।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

**କଣିହାଁ,୯।୯(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ପରାବିଲ ଓ ବିରୁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ପ୍ରଥମେ ପରାବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ, ଚଷା ସମାଜର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପରାବିଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ, ଗହମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଅତିରିକ୍ତ ଶ୍ରେଣୀଗୃହ, ଗହମ ନୂଆଁସାହି ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ସେହିପରି ବିରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ, ବ୍ୟାଙ୍କ ସୁବିଧା କେନ୍ଦ୍ର, ଶବରସାହି କୋଠଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାଶଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ମହାନ୍ତି, ପର୍ଶୁରାମ ବିଶ୍ୱାଳ, ରବିଚନ୍ଦ୍ର ରାଉତ, ଅବନୀକାନ୍ତ ଦେହୁରୀ, କୈଳାଶ ସାହୁ, ନିରୋଜ ପ୍ରଧାନ, ଧନେଶ୍ୱର ବିଶ୍ୱାଳ, ପ୍ରବୀଣ ବେହେରା, ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଅଙ୍ଗନୱାଡ଼ି କେନ୍ଦ୍ରର ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

## ମହାରାଜା ବସ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି


ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀଠାରେ ୨୦୧୬ ସେପ୍ଟେମ୍ବର ୯ରେ ଘଟିଥିବା ମହାରାଜା ବସ୍ ଦୁର୍ଘଟଣାକୁ ଶନିବାର ୭ ବର୍ଷ ପୂରଣ ହୋଇଥିବା ବେଳେ ମାଧପୁର କ୍ରୀଡା ସଂସଦ ପକ୍ଷରୁ ମୃତକଙ୍କ ଉଦ୍ଦେଶ୍ୟରେ ମାଧପୁର ଖେଳ ପଡିଆରେ କ୍ୟାଣ୍ଡେଲ ଜାଳି ସ୍ମୃତି ସଭା କରାଯାଉଛି।

## ଡିଜେଲ ଚୋରିବେଳେ ୭ ଅଭିଯୁକ୍ତ ଗିରଫ

**ପରଜଙ୍ଗ,୯।୯ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦାଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥ କୁଲେଇ ପ୍ଲାଣ୍ଟ ଛକ ନିକଟରେ ଶୁକ୍ରବାର ରାତିରେ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ସମୟରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା କନ୍ଧବେରେଣି ଗ୍ରାମର ବିଜୟ ସେଠୀ (୨୫), ତୁବେ ଗ୍ରାମର ଶ୍ରୀତମ ମଝି(୨୩), ବାପୁନ ବେହେରା (୨୬), ଗୋପାଳପ୍ରସାଦ ଗ୍ରାମର ଜେନା ବେହେରା(୨୫), ମାମୁଲି ବେହେରା (୨୭), ଅନିଲ ବେହେରା (୨୨) ଏବଂ ସିଲୁ ସେଠୀ (୨୦)। ସେମାନଙ୍କ ନିକଟରୁ ଏକ କାର, ୩ଟି ଲୁହାରଡ୍, କରୁରି, ତେଲେଙ୍ଗା କଟରା, ଖେଳନା ବନ୍ଧୁକ, ୬ଟି ମୋବାଇଲ, ତେଲ କଢା ମେଶିନ, ପାଇପ୍ ସମେତ ୫୦ ହଜାର ଟଙ୍କା ଜବତ କରାଯାଇଥିବା ଶନିବାର ଖବରଦାତା ସମ୍ମିଳନୀରେ ପରଜଙ୍ଗ ଥାନା ଆରକ୍ଷୀ ଉପ ଅଧୀକ୍ଷକ ଲାରେନ ରାଉତରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାସ୍ତା ଜାମ୍ ଥିବାରୁ ଉକ୍ତ ରାସ୍ତା ପାର୍ଶ୍ୱରେ ଶତାଧିକ ଟ୍ରକ୍ ଛିଡ଼ା ହୋଇଥିଲା। ଏହାର ସୁଯୋଗ ନେଇ ୭ ଅଭିଯୁକ୍ତ ଡିଜେଲ ଚୋରି ଉଦ୍ୟମ କରୁଥିଲେ। ଖବରପାଇ ଦଦରା ଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁଙ୍କ ସମେତ କର୍ମଚାରୀମାନେ ଚଢାଉ କରିଥିଲେ। ପରେ ପରଜଙ୍ଗ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୩୭୯/୨୩ରେ ମାମଲା ରୁଜୁ ହୋଇଛି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପ୍ରଶାନ୍ତ ପାତ୍ର, ଏସ୍‌ଆଇ ସତ୍ୟଶେଖର ଚୌଧୁରୀ, ତପସ୍ୟା ଦାସ, ଏଏସ୍‌ଆଇ ସୁରେଶଚନ୍ଦ୍ର ଧଳ, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରାଇଛି।

## ଜିଲା ପ୍ରତି ସମସ୍ତେ ସମର୍ପିତ ହୁଅନ୍ତୁ

**ଢେଙ୍କାନାଳ,୯।୯(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସଭାଗୃହରେ ଶୁକ୍ରବାର ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ 'ମୋ ଢେଙ୍କାନାଳ' ଡିଜିଟାଲ ଚ୍ୟାନେଲର ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ଗଁଦିଆ ବ୍ଲକ ନିମନ୍ତେ ପ୍ରତିଭା ଅନ୍ୱେଷଣ ପାଇଁ ବ୍ଲକସ୍ତରୀୟ ଢେଙ୍କାନାଳ ମହୋତ୍ସବରେ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ବିଚାରକ ଭାବେ ବିଜୟ ମିଶ୍ର, ପୁଷ୍ପଲତା ସାମଲ, ମମତା ମହନ୍ତ, ପ୍ରୀତି ସ୍ୱରୂପା ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଜିଲାସ୍ତରୀୟ ମହୋତ୍ସବ ନିମନ୍ତେ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ଏହି ବ୍ଲକସ୍ତରୀୟ ମହୋତ୍ସବକୁ ଓଡ଼ିଶା ଶିଶୁ ଅଧିକାର ଆୟୋଗ ସଦସ୍ୟା ରୁବି ବିଶ୍ୱାଳ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତାପସ ରାଉତ, ପ୍ରଦୀପ ଦାସ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସମ୍ମାନିତ ଅତିଥି ଭାବେ ବିଡିଓ ଆଶିଷ ରଞ୍ଜନ ସାହୁ, ଶିକ୍ଷାବିତ୍ ଡ. ସମୀର ସାହୁ, ସମିତି ସଭ୍ୟ ବଳରାମ ପରିଡା, ପୂର୍ବତନ ସରପଞ୍ଚ ଶୁଭଦର୍ଶିନୀ ପରିଡା, ସାମାଜିକ କର୍ମୀ ଅଜିତ କୁମାର ରାଉତ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲାପ୍ରତି ସମସ୍ତେ ସମର୍ପିତ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଆବାହକ କ୍ଷୀରୋଦ ଦାସ, ସୌମ୍ୟ ମହାନ୍ତି, ଡାରଲିନ ଡାଲଟନ, ସୁନିତା ବେହେରା, ମିଲି ସାମଲ, ଲକ୍ଷ୍ମୀଧର ରାଉତ ପ୍ରମୁଖ ସହଯୋଗ କରିଥିଲେ। ଆଶୁତୋଷ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସିପୁନ ପାଢୀ ଧନ୍ୟବାଦ ଦେଇଥିଲେ।



'ମୋ ଢେଙ୍କାନାଳ'ର ୫ମ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସଚେତନତା ସଭା

**ଆଠମଲ୍ଲିକ,୯।୯(ଉଦୀପ୍ତ ପୁରୋହିତ):** ଆଠମଲ୍ଲିକ ସହରସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସ୍ମାର୍ଟ କ୍ଲାସରୁମ୍‌ରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନୀଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଗଦାଧର ସ୍ୱାଇଁଙ୍କ ସମେତ ପରିଚାଳନା କମିଟି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା ଦ୍ୱାରା ଛାତ୍ରୀଛାତ୍ର ଭଲ ପାଠ ପଢିବା, ଶିକ୍ଷୟିତ୍ରୀଶିକ୍ଷକ ଭଲ ଶିକ୍ଷାଦାନ ଦେବା ଓ ପରିଚାଳନା କମିଟି ସଭ୍ୟାସଭ୍ୟ ସ୍କୁଲର ଉନ୍ନତି କରିବା ପାଇଁ ପ୍ରେରଣା ପାଇବେ ବୋଲି ପ୍ରଧାନଶିକ୍ଷକ ପ୍ରଧାନ କହିଥିଲେ। ଶିକ୍ଷକ ଆଦିତ୍ୟ କୁମାର ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଚାରା ରୋପଣ କରାଯାଇଥିଲା।

# ୪୫୧ ବିଚାରାଧୀନ ମାମଲାର ଫଇସଲା

**ଅନୁଗୋଳରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ**

**ଅନୁଗୋଳ,୯।୯(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୬୪ଟି ପ୍ରାକ୍ ମକଦମା ଜନିତ ମାମଲାର ଫଇସଲା କରାଯାଇ ୨୮ଲକ୍ଷ ୬୯ ହଜାର ୮୪୬ ଟଙ୍କାର ସମାଧାନ କରାଯାଇଥିଲା। ସେହିପରି ୪୫୧ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୨୭ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୧ କୋଟି ୭୧ ଲକ୍ଷ ୯୫ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ୨୩ଟି ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇ ୧କୋଟି ୨୨ ଲକ୍ଷ ୪୦ ହଜାର ୮୬୧ ଟଙ୍କାର ସମାଧାନ କରାଯାଇଥିଲା। ୩୩ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ୧୨ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୧୫ଟି ପାରିବାରିକ ମାମଲା (ଛାଡପତ୍ର ବ୍ୟତୀତ), ୩୩୪ ଫୌଜଦାରି ଓ ୭ଟି ଖାଉଟି ବିବାଦ ସମ୍ପର୍କିତ ମାମଲାର ସମାଧାନ କରାଯାଇଥିଲା। ଏତଦ୍‌ବ୍ୟତୀତ ୧୬୭୦ ରାଜସ୍ୱ ମାମଲାର ଫଇସଲା କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲ୍ଲିକ, ପାଲଲହଡା, ଛେଣ୍ଡିପଦା ଓ ବଅଁରପାଳରେ ଥିବା ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବିଏସ୍‌ଏନ୍‌ଏଲ୍ ଅଂଶ ଗ୍ରହଣ କରିଥିଲେ। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅନୁଗୋଳଙ୍କ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ ଓ ଜିଲା ଆଇନସେବା ପ୍ରାଧିକରଣ ଏବଂ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିଚାଳନା କରିଥିଲେ। ସେହିପରି ଛେଣ୍ଡିପଦାରେ ଅନୁଷ୍ଠିତ ଲୋକ ଅଦାଲତରେ ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ମାମଲାଗୁଡ଼ିକର ବିଚାର କରିଥିବା ବେଳେ ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ଗୋପବନ୍ଧୁ ସାହୁ, ସୁଶୀଳ କୁମାର ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ଗଣେଶ୍ୱର ଭୂତିଆ, ବିଜୟ କୁମାର ବେହେରା, ପ୍ରଭାତ କୁମାର ବେହେରା, ଉତ୍କଳ ପ୍ରଧାନ, ରାଜକିଶୋର ବେହେରା, ପ୍ରଦୀପ ଗଡ଼ନାୟକ, ବିଦ୍ୟାଧର ବେହେରାଙ୍କ ସମେତ ଛେଣ୍ଡିପଦା ଅଦାଲତର ସମସ୍ତ କର୍ମଚାରୀ ଓ ସିଏସ୍‌ଆଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଲୋକ ଅଦାଲତରେ ମାମଲାଗୁଡ଼ିକର ଫଇସଲା କରାଯାଉଛି।

# ମୋ ସେବା କେନ୍ଦ୍ର ଉଦ୍‌ଘାଟିତ

**ମାଧପୁର,୯।୯(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ପାଇକସାହି, ମାଧପୁର, ଲୁଣହାଣ୍ଡି, କମ୍ପଲା, କନ୍ଧପଡା, କିଆକଟା ଆଦି ପଞ୍ଚାୟତ ପରିସରରେ ଶୁକ୍ରବାର ମୋ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ସୂଚନା ପ୍ରଯୁକ୍ତି ବିଭାଗର ଜିଲା ପରିଚାଳକ ଦେବଦତ୍ତ ସାହୁ, ମୋ ସେବାକେନ୍ଦ୍ର ଜିଲା ପରିଚାଳକ ସୁକାନ୍ତ ମିଶ୍ର, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଇକସାହି, ମାଧପୁର, ଲୁଣହାଣ୍ଡି, କମ୍ପଲା, କନ୍ଧପଡା, କିଆକଟା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ୱାର୍ଡ ମେମ୍ବର, ଏମ୍‌ବିକେ, ସିଆରପି, ପ୍ରାଣୀ ମିତ୍ର, ସମସ୍ତ ମୋ ସେବା କେନ୍ଦ୍ର ପରିଚାଳକଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



କନ୍ଧପଡାଠାରେ ମୋ ସେବା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

# ‘ନିରନ୍ତର ଅଧ୍ୟବସାୟ ସଫଳ କରିବ’


ଶିକ୍ଷାବିତ୍ ପୁରନ୍ଦର ପ୍ରଧାନଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ମାଧପୁର,୯।୯(ମନୋଜ ପ୍ରଧାନ)**

ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ବିଶିଷ୍ଟ ଶିକ୍ଷାବିତ୍ ପୁରନ୍ଦର ପ୍ରଧାନଙ୍କ ଜୟନ୍ତୀ ପୁରନ୍ଦର ସ୍ମୃତି ପରିଷଦ ପକ୍ଷରୁ ଗୁରୁବାର ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ନିରନ୍ତର ଅଧ୍ୟବସାୟ ବଳରେ ଜଣେ ମଣିଷ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱର୍ଗତ ପ୍ରଧାନଙ୍କ ସୁପୁତ୍ର ଡ. ଅରୁଣ ପ୍ରଧାନ, ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ତଥା ପ୍ରଧାନଶିକ୍ଷକ ପୀତାମ୍ବର ବିଶ୍ୱାଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦ ସଭାପତି ଡ. ନନ୍ଦକିଶୋର ମହାଖୁଡ, ଆଠମଲ୍ଲିକ କୃଷକ ମହାସଂଘ ସଭାପତି ଦେବେନ୍ଦ୍ର ପ୍ରଧାନ, କଳ୍ପତରୁ ସଙ୍ଗଠନ କିଶୋରନଗରର ସଭାପତି ସୁଧୀର ରଞ୍ଜନ ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ର ବଣୀନାଳିର ନିର୍ଦ୍ଦେଶକ ମନୋଜ ମହାପାତ୍ର, କେଦାର ଶଙ୍କର ମହାଖୁଡ, ଘାଷିନାଥ ବିଶ୍ୱାଳ ଉପସ୍ଥିତ ଥିଲେ। ଜୟନ୍ତ ମାହାର ଧନ୍ୟବାଦ ଦେଇଥିଲେ।

# ଅବକାରୀ ଚଢ଼ାଉ, ୫ ଗିରଫ

**ବଇଣ୍ଡା,୯।୯(ପରିକ୍ଷିତ ସାହୁ)**

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ସଦାନନ୍ଦପୁର ଗ୍ରାମର ରୀନା ବେହେରା, ଆରାମପୁର ଗ୍ରାମର ମିତାଲି ପ୍ରଧାନ, ନୀଳିମା ପ୍ରଧାନ, ରାଜିଙ୍ଗ ଗ୍ରାମର ସୁରେଶ ଚନ୍ଦ୍ର ବେହେରା, ନବଘନ ବେହେରାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।


ଗିରଫ ଅଭିଯୁକ୍ତମାନେ।

# ନକଲି ମଦ ପ୍ରସ୍ତୁତି ସାମଗ୍ରୀ ଜବତ, ୨ ଗିରଫ

**ଛେଣ୍ଡିପଦା,୯।୯(ଅଜିତ ଧଳ)**

ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମରେ ଚଢାଉ କରାଯାଇ ବିପୁଳ ପରିମାଣରେ ନକଲି ଦେଶୀ ଓ ବିଦେଶୀ ମଦ ସହ ଏଥିରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏଥିସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୁଡିଡିହ ଗ୍ରାମର ବିପିନ କୁମାର ସାହୁ ଓ ମାଛକୁଟା ଗ୍ରାମର ଚିକୁ ବେହେରା।

ପ୍ରକାଶ ଯେ, ମାଛକୁଟା ଅଞ୍ଚଳରେ ନକଲି ମଦ ପ୍ରସ୍ତୁତ କରାଯାଇ ଚାଲାଣ କରାଯାଉଥିବା ଅନୁଗୋଳ ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାପରେ ଅବକାରୀ ବିଭାଗ ନିରୀକ୍ଷକ ରମ୍ଭା ବାଗ ଓ ଉପନିରୀକ୍ଷକ ସନ୍ତୋଷ କୁମାର ସାହୁଙ୍କ ସମେତ କର୍ମଚାରୀମାନେ ଉକ୍ତ ଗ୍ରାମରେ ଚଢ଼ାଉ କରିଥିଲେ। ପ୍ରଥମେ ମାଛକୁଟା ଗ୍ରାମର ଚିକୁ ବେହେରାଙ୍କ ଘରେ ଚଢାଉ କରାଯାଇଥିଲା। ସେଠାରୁ କିଛି ବିଦେଶୀ ମଦ ଜବତ କରାଯିବା ସହିତ ଏହାର ମାଷ୍ଟରମାଇଣ୍ଡ ବିପିନଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ବିପିନ ଲୁଗା ବ୍ୟବସାୟ ନାମରେ ମାଛକୁଟା ଗ୍ରାମରେ ଏକ ଦୋକାନ କରି ନକଲି ମଦ ବିକ୍ରି କରୁଥିବା ଜାଣି ବିଭାଗୀୟ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଉଭୟଙ୍କ ନିକଟରୁ ୧୧.୧୬୦ ଲିଟର ବିଦେଶୀ ମଦ, ୯୦୦ ଠିପି, ଏକ କାର୍, ୪ଟି ଜାରକିନରେ ଥିବା ୧୫୦ ଲିଟର ଦେଶୀ ମଦ ଓ ଏକ ସିଲ୍ ମେସିନ ଜବତ କରାଯାଇଥିଲା। ଏଥିସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏ ନେଇ ନଂ. ୧୫୪/୨୩ରେ ଅବକାରୀ ବିଭାଗ ଏକ ମାମଲା ରୁଜୁ କରିବା ସହିତ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।



ଜବତ ସାମଗ୍ରୀ ସହିତ ଗିରଫ ୨ ଅଭିଯୁକ୍ତ।

# ପିଟିସିରେ ରକ୍ତଦାନ ଶିବିର


ରକ୍ତଦାତାଙ୍କୁ ପିଟିସି ଅଧ୍ୟକ୍ଷ ଜେ.ଏନ୍. ପଙ୍କଜ ଉତ୍ସାହିତ କରୁଛନ୍ତି।

**ଅନୁଗୋଳ,୯।୯(ଅମିତ କୁମାର ସାମଲ)**

ଅନୁଗୋଳସ୍ଥିତ ପୋଲିସ ଟ୍ରେନିଂ କଲେଜ (ପିଟିସି)ର ୮୬ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ପିଟିସି ଅଧ୍ୟକ୍ଷ ଜେ.ଏନ. ପଙ୍କଜ, ଉପାଧ୍ୟକ୍ଷ ଚାମରା ଭୋଇଙ୍କ ସହ ସମସ୍ତ ଅଧିକାରୀ, କର୍ମଚାରୀ, ତାଲିମ ନେଉଥିବା ପୋଲିସ କର୍ମଚାରୀ ରକ୍ତଦାନ କରିଥିଲେ। ଏହି ଶିବିରକୁ ସତ୍ୟବ୍ରତ ପାଟଯୋଶୀ ପରିଚାଳନା କରିଥିବା ବେଳେ ଅନୁଗୋଳ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ୪୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ

**ବଇଣ୍ଡା,୯।୯(ପରିକ୍ଷିତ ସାହୁ)**

କିଶୋରନଗର ହାଇସ୍କୁଲ ପରିସରରେ ୨ ଦିନିଆ ‘ସାହିତ୍ୟ ସୃଜନୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ଓ ଆଠମଲ୍ଲିକ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୪୮ ଜଣ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଜୟନ୍ତ ସାହୁ, ଅନୀଲ ମେହେର ପ୍ରଶିକ୍ଷକ ଭାବେ ଯୋଗଦେଇ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିକ୍ଷକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଲେଖକଙ୍କ ପୁସ୍ତକ ସମୀକ୍ଷା ଓ କାର୍ଯ୍ୟ ଫର୍ଦ୍ଦ ଉପସ୍ଥାପନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ବଇଣ୍ଡା, ହଣ୍ଡପାରେ ନନ୍ଦୋତ୍ସବ


ଶିଶୁମାନେ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇଛନ୍ତି।

**ବଇଣ୍ଡା,୯।୯(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଓ ହଣ୍ଡପାରେ ଗୁରୁବାର ନନ୍ଦୋତ୍ସବ ପାଳିତ ହୋଇଯାଇଛି। ରାଧାକୃଷ୍ଣ ମନ୍ଦିର ପରିସରରେ ପ୍ରଭୁଙ୍କ ପାଇଁ ଦୋଳିର ବ୍ୟବସ୍ଥା ହୋଇଥିଲା। ପରେ ଏକ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ କୁନି କୁନି ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। କଣ୍ଠଶିଳ୍ପୀ ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କଳାକାର ସାମିଲ ହୋଇ ଭଜନ ପରିବେଷଣ କରିଥିଲେ। ଶେଷରେ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ରାଜକୁମାର ଅଗ୍ରୱାଲା, ଉପସଭାପତି ଅରବିନ୍ଦ ସାହୁ, ଜିତେନ୍ଦ୍ର ବେହେରା, ମାନସ ସାହୁ, ସଞ୍ଜୟ ସାହୁ, ଶ୍ରୀଧର ବେହେରା, ଗିରିଶଚନ୍ଦ୍ର ବେହେରା, ଜଳଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆହତଙ୍କ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ

**ଅନନ୍ତ ଡିଏଭିରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ**

**ତାଳଚେର,୯।୯(ମନୋଜ ନନ୍ଦ)**

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ଆନୁକୂଲ୍ୟରେ ସେଣ୍ଟ ଜନ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ତାଳଚେର ଦ୍ୱାରା ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦୁର୍ଘଟଣା ପରେ ଆହତଙ୍କ ପ୍ରାଥମିକ ଚିକିତ୍ସା କିପରି କରାଯାଇପାରିବ ସେ ସମ୍ପର୍କରେ ଡିଭିଜନର ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ତଥା ଡିଭିଜନାଲ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ। ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁ, ବ୍ରିଗେଡ ମେମ୍ବର ରଣଜିତ ସାହୁ, ବିଦ୍ୟାଧର ପ୍ରଧାନ, ଶ୍ୟାମ ଦେଓ ସିଂହ, ଅନିଲ କୁମାର ସାହୁ, ଶୁଭକାନ୍ତ ସାଇଁ, ସତ୍ୟବାଦୀ ଭୂତିଆ ଏବଂ ଆଶୁତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।


ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯାଉଛି।

# ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଅ

**ବଇଣ୍ଡା,୯।୯(ପରିକ୍ଷିତ ସାହୁ)**

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ କିଭଳି ସିବିଏସ୍‌ସି ପାଠ୍ୟକ୍ରମ ପଢିପାରିବେ ସେ ନେଇ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ତେଣୁ ଛାତ୍ରୀଛାତ୍ରମାନଙ୍କୁ କିଭଳି ଭଲ ଶିକ୍ଷାଦାନ କରାଯିବ ସେ ନେଇ ଶିକ୍ଷକମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ଏଥିସହ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ଶନିବାର ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ହାଇସ୍କୁଲ ପରିସରରେ ବନମାଳିପୁରଠାରେ ଥିବା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସରୋଜ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃତ୍ତିବାସପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ଅନ୍ୟତମ ଅତିଥି ଭାବେ ଶିକ୍ଷକ ଅପାଳି ପଲେଇ, ସତସ୍ୱିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଇଂଲିଶ ଶିକ୍ଷୟିତ୍ରୀ ପୂଜାରିଣୀ ଜେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ବିଜୟ ନାୟକଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀମାନେ।

# କେନାଲରେ ବୁଡ଼ି ଯୁବତୀ ମୃତ

କାମାକ୍ଷାନଗର,୯।୯
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ଆମ୍ବବୋଲ ଗ୍ରାମର ରୁନୁବାଳା ନାଏକ(୨୫) ଶୁକ୍ରବାର କେନାଲରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ପଡ଼ୋଶୀଙ୍କ ସହ ଘର ନିକଟରେ ଥିବା କେନାଲକୁ ଶୌଚ ପାଇଁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ କେନାଲରେ ଭାସି ଯାଇଥିଲେ। ଖବରପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁମୁସିଙ୍ଗା ଫାଣ୍ଡି ଅଧିକାରୀ ସମୀର ସାମଲ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ଏ ନେଇ ନଂ. ୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସାହିତ୍ୟିକ ନମ୍ର, ବିନୟୀ ହେବା ଉଚିତ

## ଥିଙ୍କର୍ସ ଫୋରମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ,୯।୯(ରତନ ନାୟାର)

ଢେଙ୍କାନାଳ ଥିଙ୍କର୍ସ ଫୋରମର ୨ ଦିନିଆ ବାର୍ଷିକ ଉତ୍ସବ ଶନିବାର ପୂର୍ବାହ୍ଣ ସାଢେ ୧୧ଟାରେ ସହରସ୍ଥିତ ଗୋପବନ୍ଧୁ ଟାଉନହଲ ଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଶକୁନ୍ତଳା ବଳିଆରସିଂ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାହିତ୍ୟିକମାନେ ନିଜ ଜୀବନ ଚରିତ୍ରରେ ଅହଂଭାବ ଛାଡି ନମ୍ର ଓ ବିନୟୀ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି ଯୋଗଦେଇ ସାହିତ୍ୟରେ ଜୀବନର ପ୍ରକୃତ ଛବି ଫୁଟିବା ଉଚିତ ବୋଲି ମତ ଦେଇଥିଲେ। ଫୋରମ ସଭାପତି ସୌମେନ୍ଦୁ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଚଳିତବର୍ଷ ଫୋରମ ପକ୍ଷରୁ ବିଶିଷ୍ଟ ଭାଷାବିତ୍, ଗବେଷକ ପଦ୍ମଶ୍ରୀ



ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କବି କାଳୀକିଙ୍କର ଦାସ ଓ ସୁଚିତ୍ରା ଶତପଥୀଙ୍କୁ ଚରୈବେତୀ ସାରସ୍ୱତ ସମ୍ମାନ, ଯୁବକବି ପ୍ରକାଶ ପରିଡ଼ାଙ୍କୁ ଚରୈବେତୀ ଯୁବ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଫୋରମ ମୁଖପତ୍ର ଚରୈବେତୀ ସହିତ କବି ଗୋଲକ ବେହେରା ଓ ରବୀନ୍ଦ୍ର ସାହୁଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଫୋରମ ସମ୍ପାଦକ ପ୍ରକାଶଚନ୍ଦ୍ର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚରୈବେତୀ ପ୍ରମୁଖ ସୁଶୀଲ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଫୋରମର ସମସ୍ତ ସଦସ୍ୟାସଦସ୍ୟ ମିଳିତ ଭାବେ ଢେଙ୍କା ଶବରଙ୍କ ପୀଠରୁ ବାଜି ରାଉତ ସ୍ମୃତି ପୀଠ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରାରେ ଯାଇଥିଲେ। ଫୋରମ କୋଷାଧ୍ୟକ୍ଷ ବୈକୁଣ୍ଠ ନାଥ ଦ୍ୱିବେଦୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ଣରେ ନିର୍ମଳା ମହାପାତ୍ରଙ୍କ ସଭାପତିତ୍ୱରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

କାମାକ୍ଷାନଗର,୯।୯(ଅମଜାଦ ଖାନ)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ କାମାକ୍ଷାନଗର ବ୍ଲକ ବାଙ୍କୁଆଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଶନିବାର ଗାଦିଛାଡ଼ ଆନ୍ଦୋଳନ କରାଯାଇଥିଲା। ପୂର୍ବତନ ସରପଞ୍ଚ ପ୍ରସାଦ ସେଠୀଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରେମାନନ୍ଦ ଜେନା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ପବିତ୍ର ବିଶ୍ୱାଳ, ମିଡିଆ ସେଲ୍ ପ୍ରଭାରୀ ଚନ୍ଦନ ବେହେରା, ବିକାଶ ସାହୁ, ନରି ମହାନ୍ତ, ବଳରାମ ସାହୁ, ଦିଗମ୍ବର ସ୍ୱାଇଁ, ମିହିର ବେହେରା, ପାପୁନି ମଲ୍ଲିକ, ବୁଲା ମହାଳିକ, ମଣ୍ଟୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ।




ବାଙ୍କୁଆଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

# ପ୍ରାଇସ୍, ପେନ୍‌ସନ ଆଇନରେ ପରିଣତ ହେଉ



ବୈଠକରେ ଉପସ୍ଥିତ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ।

କାମାକ୍ଷାନଗର,୯।୯
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ ବାତ୍ୟା ଆଶ୍ରୟସ୍ଥଳୀଠାରେ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ତ୍ରିନାଥ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର ଯୋଗଦେଇ କହିଲେ, ନବନିର୍ମାଣ ସ୍ୱରାଜ ସରକାର ପ୍ରତିଷ୍ଠା ପାଇଁ 'ମୋ ଦଳ' ନାଁରେ ଏକ ନୂତନ ଦଳ ଗଠନ କରାଯିବ। ଆଗାମୀ ଦିନରେ ଏହି ଦଳ ନିର୍ବାଚନ ଲଢି ସରକାର ଗଠନ କରି କୃଷକଙ୍କ ସମସ୍ୟାର ସମାଧାନ କରିବ ବୋଲି ଅଶ୍ୱିନୀ ପ୍ରକାଶ କରିଥିଲେ। ଏଥିସହ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନ୍‌ସନକୁ ଆଇନରେ ପରିଣତ କରିବା ପାଇଁ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହସଂଯୋଜକ ରଘୁନାଥ ସିଂ, ଦିବ୍ୟଜ୍ୟୋତି ନାୟକ, ବସନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ପାତ୍ର, ବିଚିତ୍ରାନନ୍ଦ ପାତ୍ରଙ୍କ ସମେତ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

କାମାକ୍ଷାନଗର,୯।୯
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ବାମ କେନାଲରେ ଶୁକ୍ରବାର ଭାସିଯାଇ ନିଖୋଜ ଥିବା ଜଗନ୍ନାଥପୁର ଗ୍ରାମର ବଳରାମ ସେଠୀଙ୍କ ମୃତଦେହ କାକୁଡ଼ିଆ ନିକଟରୁ ଶନିବାର ପୋଲିସ ଜବତ କରିଛି। ଏଥିସହ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବଳରାମ ଶ୍ୱଶୁର ଘର ମହୁଲପାଳକୁ ଆସିଥିଲେ। ମଧ୍ୟାହ୍ନରେ ସ୍ତ୍ରୀ ସୁନିତା ସେଠୀଙ୍କ ସହ କେନାଲକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ କାମାକ୍ଷାନଗର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ହେଁ ବଳରାମଙ୍କ ସନ୍ଧାନ ପାଇପାରି ନ ଥିଲେ। ତେବେ ଶନିବାର ତାଙ୍କ ମୃତଦେହ କାକୁଡ଼ିଆ ନିକଟରେ ଭାସୁଥିବା ପୋଲିସ ତାହାକୁ ଜବତ କରିଥିଲା।

# 'ଦୈନନ୍ଦିନ ଜୀବନରେ ମାଣ୍ଡିଆ ବ୍ୟବହାର କର'




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

କାମାକ୍ଷାନଗର,୯।୯(ଅମଜାଦ ଖାନ)

କାମାକ୍ଷାନଗର ବ୍ଲକ ବାଇସିଙ୍ଗା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଶ୍ରୀ ଅନ୍ନ ମାଣ୍ଡିଆର ଉପଯୋଗିତା' ସମ୍ପର୍କିତ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ମଦନ ମୋହନ ଜେନା, ଅତିଥି ଭାବେ ସହକାରୀ ଜିଲାପାଳ ଦୀପକ ମିଶ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ ମାଣ୍ଡିଆର ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, କୈଳାସଚନ୍ଦ୍ର ପୃଷ୍ଟି, ଲୋକନାଥ ଷଡ଼ଙ୍ଗୀ, ସଂଯୁକ୍ତା ରାଣୀ ନାୟକ ଯୋଗ ଦେଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ପ୍ରସନ୍ନ ବିଶ୍ୱାଳ, ପଦନ ଚରଣ ସାହୁ ଯୋଗଦେଇଥିଲେ। ଏଥିରେ ୪୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଇସିଙ୍ଗା ସରପଞ୍ଚ ସନ୍ତୋଷ ସାହୁ, ନାଏବ ସରପଞ୍ଚ କୁନି ଦାସ, ପରିଚାଳନା ପରିଷଦ ଚେୟାରମ୍ୟାନ ଭରତ ଓଝା ସହଯୋଗ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ବିଶ୍ୱାଳ, ସୁଶାନ୍ତ ପଣ୍ଡା, ସୁଧାଂଶୁ ପ୍ରଧାନ, ଶିକ୍ଷୟିତ୍ରୀ କାଦମ୍ବିନୀ ନାଏକ, ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବାଇସିଙ୍ଗା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ବେହେରା ପ୍ରଥମ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପାୟଲ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗୀତାପାଇଁମନୋନୀତହୋଇଛନ୍ତି।

# ମନ୍ଦିର, ଦୋକାନରୁ ଚୋରି

କାମାକ୍ଷାନଗର,୯।୯
(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମାଳପୁରାସ୍ଥିତ ରାମମନ୍ଦିର ଏବଂ ଜିରିଡାମାଳି ରାଧାକୁଞ୍ଜ ସାହିରେ ଥିବା ଏକ ତେଜରାତି ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ କବାଟ ଭାଙ୍ଗି ଭିତରେ ପଶିବା ସହ ଦାନବାକ୍ସ ଚୋରି କରିନେଇ ପଳାଇଛନ୍ତି। ସେହିପରି ମଳୟ କୁମାର ସାହୁଙ୍କ ତେଜରାତି ଦୋକାନରୁ ମଧ୍ୟ ଚୋରି ହୋଇଛି। ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ନିକଟରେ ଥିବା ବଭ୍ରୁବାହାନ ମିଶ୍ରଙ୍କ ସ୍କୁଟିକୁ ମଧ୍ୟ ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହାପୂର୍ବରୁ ମଧ୍ୟ ରାମ ମନ୍ଦିରରୁ ୩ ଥର ଚୋରି ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ ଚଳାଇଛି।

# ୬୬ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ।

ସାତମାଇଲ,୯।୯(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଢେଙ୍କାନାଳ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି କର୍ମୀ, ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# 'ସୃଜନ ଶକ୍ତି ସୃଷ୍ଟି ମୁଖ୍ୟ ଉଦ୍ଦେଶ୍ୟ'

## ତାଲିମ ଶିବିର ଉଦ୍‌ଯାପିତ

କାମାକ୍ଷାନଗର,୯।୯
(ସୁଧୀର କୁମାର ପରିଡା)

କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା 'ସାହିତ୍ୟ ସୃଜନୀ' ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ପରିବେଶରେ ନିଜର ଭାବନାକୁ ସମସ୍ତଙ୍କ ନିକଟରେ ପ୍ରକାଶ କରି ସୃଜନ ଶକ୍ତି ସୃଷ୍ଟି କରିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ ସାହୁ ଯୋଗଦେଇ ତାଲିମରତ ଶିକ୍ଷକମାନଙ୍କୁ ନେଇ ଗଠିତ ହୋଇଥିବା ୫ ଗୋଟି ଦଳ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ସମ୍ବଳିତ ପୁସ୍ତକ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲୋକନାଥ ଷଡଙ୍ଗୀ, ଶିକ୍ଷାବିତ୍ କୈଳାଶଚନ୍ଦ୍ର ପୃଷ୍ଟି, ନାଟ୍ୟକାର ଦୀନେଶ ଦାସ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ସୁରେଶ ବିଶ୍ୱାଳ, ପ୍ରଫୁଲ୍ଲ ବାରିକ ଯୋଗଦେଇ ବ୍ଲକର ବିଭିନ୍ନ ବିଦ୍ୟାଳୟର ୩୦ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦେଇଥିଲେ। ଶିକ୍ଷୟିତ୍ରୀ କବିତା ରାଉତ, ଶିକ୍ଷକ ନିର୍ମଳ ମହାନ୍ତି, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ନିରଞ୍ଜନ ସାହୁ, ଶାନ୍ତନୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅତିଥିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ।

# ମନ୍ଦିର ପରିସରରେ ଚାରା ରୋପଣ



ସଙ୍ଗଠନର ସଦସ୍ୟମାନେ ଚାରା ରୋପଣ କରୁଛନ୍ତି।

କାମାକ୍ଷାନଗର,୯।୯(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇ କନ୍‌ସେପ୍ଟ ଇନିସିଏଟିଭ (ଆଇସିଆଇ) ପକ୍ଷରୁ ଶୁକ୍ରବାର ବ୍ଲକର ୬ଟି ପଞ୍ଚାୟତରେ ବିଭିନ୍ନ ଚାଷୀ, ନାମମାତ୍ର ଚାଷୀଙ୍କୁ ଚାରା ବଣ୍ଟନ କରାଯିବା ସହ ପେଡାଲ ପାଣି ପମ୍ପ ଯୋଗାଇ ଦିଆଯାଇଛି। ଏଥିସହ ଦଣ୍ଡାଧର ଡ୍ୟାମ୍‌ଠାରେ ଥିବା ମାଣିକେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଛି। ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଜିଲା ସଂଯୋଜକ ଆଶୁତୋଷ ପଣ୍ଡା, ବିଜୟଲକ୍ଷ୍ମୀ ରଥ, ରିତୁସ୍ମିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଭଲିବଲ ଖେଳାଳି ମନୋନୀତ

ଭୁବନ,୯।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ୪ ଜୋନ୍‌ର ୧୪ ଓ ୧୭ ବର୍ଷରୁ କମ୍ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗର ୧୨ ଜଣ ଲେଖାଏ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସ୍ଥିର ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରିଣୀ ରାଜଲକ୍ଷ୍ମୀ ଟୁଡୁ, ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶାରୀରିକ ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷକ ପତିତପାବନ ସାମଲ, ନରହରି ନାୟକ, ସୁବ୍ରତ ପଣ୍ଡା, କର୍ପୁର ସ୍ୱାଇଁ, ଉମାକାନ୍ତ ଦାସ, ସାଗର ରାଉତ, ବିମ୍ବାଧର ସାହୁ, ପ୍ରଦୀପ୍ତ ନନ୍ଦ, ମମତା ମଲ୍ଲିକ, ପ୍ରିୟବ୍ରତ ସାହୁ, ପ୍ରକାଶ ମଲ୍ଲିକ, ଧରିତ୍ରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ସମସ୍ତ କ୍ରୀଡାବିତ୍, ଶାରୀରିକ ଶିକ୍ଷୟିତ୍ରୀଶିକ୍ଷକ।

# ୩୫୪୪ ମାମଲା ଫଇସଲା

## ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଢେଙ୍କାନାଳ,୯।୯(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୩୫୪୪ ମାମଲାର ଫଇସଲା ହୋଇଥିଲା। ତନ୍ମଧ୍ୟରେ ୪୩ଟି ମୋଟର ଦୁର୍ଘଟଣାଜନିତ ମାମଲା ରହିଥିବା ବେଳେ ୧୨ ବିବାହ ଓ ପାରିବାରିକ ମାମଲା, ୧୩୮ ଦେୱାନୀ ମାମଲା, ୩୮୯ ଫୌଜଦାରି ମାମଲା, ୩୦୧୦ ରାଜସ୍ୱ ମାମଲା ଏବଂ ବ୍ୟାଙ୍କ ସମ୍ପର୍କିତ ମାମଲାର ଆପୋସ ସମାଧାନ କରାଯାଇଥିଲା। ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ୨କୋଟି ୨୦ଲକ୍ଷ ୮୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟ ମାମଲା ଗୁଡିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଇସଲା ବବାଦକୁ ୫୫ ଲକ୍ଷ ୨ ହଜାର ୮୬୬ ଟଙ୍କା ଆଦାୟ କରାଯାଇଥିଲା। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ମଧ୍ୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ପାରିବାରିକ ଅଦାଲତ ବିଚାରପତି ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ଅତିରିକ୍ତ ଜିଲାଜଜ୍ ଡ. ଜୀବନଜ୍ୟୋତି ରଥ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନିତା ରାଉତ, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧୀରଞ୍ଜନ ଦାସ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧାଶ୍ରୀ ସୁରଙ୍ଖଳିଆ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ମମିତା ସାହୁ, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍‌ସିଲିଏଟର ସୁବାସିନୀ ମହାକୁଡ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ପରିଚାଳନା କରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟାର, ପାରାଲିଗାଲ ଭଲ୍ୟୁଣ୍ଟିୟର, ପ୍ରାଧିକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।



ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ଫଇସଲା କରାଯାଉଛି।

